# ବ୍ୟାଙ୍କ୍ ଓ ବ୍ୟାଙ୍କ୍ ଲୋକପାଳଙ୍କୁ ଅଭିଯୋଗ କରିବାର ଉପାୟ ଜାଣନ୍ତୁ

ବିତ୍ତୀୟ ସାକ୍ଷରତା ସପ୍ତାହ

ଜୁନ୍ ୪-୮, ୨୦୧୮

ଜଣେ ଗ୍ରାହକ ହିସାବରେ ଯେତେବେଳେ ଆପଣ ATMରୁ ନଗଦ ଟଙ୍କା ନ ବାହାରିବା, ପୂର୍ବ ସୂଚନା ବିନା ସେବା ଶୁଳ୍କ ଲାଗିବା, କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ତ୍ରୁଟି ଇତ୍ୟାଦି ବ୍ୟାଙ୍କ୍ ସମ୍ବନ୍ଧୀୟ ସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ଏହାର ସମାଧାନ ପାଇଁ ବ୍ୟାଙ୍କ୍ ଅଧିକାରୀଙ୍କୁ ସମ୍ପର୍କ କରନ୍ତୁ । ଯଦି ଏହାର ସମାଧାନ ନ ହୁଏ ତେବେ ଅଭିଯୋଗ ନିବାରଣ ପାଇଁ ନିମ୍ନଲିଖିତ ପ୍ରକ୍ରିୟା ଅନୁସରଣ କରନ୍ତୁ ।




## ବ୍ୟାଙ୍କ୍‌କୁ ଅଭିଯୋଗ

୧ ବ୍ୟାଙ୍କ୍ ଶାଖାରେ ମହଜୁଦ୍ ଅଭିଯୋଗ ପୁସ୍ତିକାରେ ଅଭିଯୋଗ ଲେଖନ୍ତୁ । ଯଦି ଏହି ପୁସ୍ତିକା ନ ମିଳେ ତେବେ ଏହା ବ୍ୟାଙ୍କ୍ ଅଧିକାରୀଙ୍କୁ ମାଗନ୍ତୁ କିମ୍ବା ବ୍ୟାଙ୍କର ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରନ୍ତୁ ।

୨ ଯଦି ବ୍ୟାଙ୍କ୍ ପରିସରରେ ନିବାରଣ ଅଧିକାରୀଙ୍କ ନାମ ପ୍ରଦର୍ଶିତ ନ ଥାଏ, ତେବେ ତାଙ୍କ ନାମ ପଚାରନ୍ତୁ । ବ୍ୟାଙ୍କ୍‌ରେ ଅଭିଯୋଗର ସମାଧାନ ପାଇଁ ନୋଡାଲ୍ ଅଧିକାରୀ ଅଛନ୍ତି ।

## ବ୍ୟାଙ୍କ୍ ଲୋକପାଳଙ୍କୁ ଅଭିଯୋଗ

୩ ଯଦି ଆପଣଙ୍କର ବ୍ୟାଙ୍କ୍ ଏକ ମାସ ଭିତରେ ଅଭିଯୋଗର ପ୍ରତିକାର ନ କରେ, ତେବେ ଆପଣ ଭାରତୀୟ ରିଜର୍ଭ ବ୍ୟାଙ୍କର ବ୍ୟାଙ୍କ୍ ଲୋକପାଳଙ୍କୁ ଲେଖି ପାରିବେ । ବ୍ୟାଙ୍କ୍ ଲୋକପାଳ ଯୋଜନା, ତୁରନ୍ତ ଏବଂ ବିନା ଖର୍ଚ୍ଚରେ ଆପଣଙ୍କର ଅଭିଯୋଗର ପ୍ରତିକାର କରାଏ । ବ୍ୟାଙ୍କ୍ ଲୋକପାଳ ବ୍ୟାଙ୍କ୍ ସେବାଜନିତ ବହୁତ ପ୍ରକାର ତ୍ରୁଟିର ବିଚାର କରନ୍ତି ।

୪ ଅନ୍‌ଲାଇନ୍ ଅଭିଯୋଗ ଦାଖଲ କରିବା ପାଇଁ ଆପଣ https://bankingombudsman.rbi.org.in site କୁ ଯାଇ "ଅଭିଯୋଗ ଫର୍ମ"କୁ ଚିହ୍ନଟ କରନ୍ତୁ । ଏହି ଯୋଜନାରେ ନିର୍ଦ୍ଦିଷ୍ଟ ଅଭିଯୋଗ ଫର୍ମ ଅନୁଯାୟୀ ଆପଣ ଲିଖିତ ଅଭିଯୋଗ ଦାଖଲ କରିପାରିବେ । ବ୍ୟାଙ୍କ୍ ଲୋକପାଳ ସମ୍ବନ୍ଧୀତ ଯୋଜନା, ଅଧିକାର କ୍ଷେତ୍ର ଏବଂ ଠିକଣା ୱେବ୍‌ସାଇଟ୍ https://bankingombudsman. rbi.org.in ରେ ଉପଲବ୍ଧ ଅଛି ।

ସବିଶେଷ ବିବରଣୀ ପାଇଁ **https://bankingombudsman.rbi.org.in** ୱେବ୍‌ସାଇଟ୍‌କୁ ଯାଆନ୍ତୁ ।

ବିତ୍ତୀୟ ସାକ୍ଷରତା ● ସମୃଦ୍ଧିର ପଥ

**ବ୍ୟାଙ୍କ୍ ଲୋକପାଳ**

ବିତ୍ତୀୟ ସମାବେଶନ ଏବଂ ବିକାଶ ବିଭାଗ
ଭାରତୀୟ ରିଜର୍ଭ ବ୍ୟାଙ୍କ୍
www.rbi.org.in